## ସଂକ୍ଷେପରେ

### ୨୭ରେ ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୧।୬:** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜୁନ୍ ୨୭ ପୂର୍ବାହ୍ନରେ ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରେ ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ଓଡ଼ିଆ ଭାଷା ସାହିତ୍ୟ ଉପରେ ସାଧାରଣ ଜ୍ଞାନ, ଇଂଲିଶରୁ ଓଡ଼ିଆ ଅନୁବାଦ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। କନିଷ୍ଠ ବର୍ଗରେ ୬ଷ୍ଠ, ୭ମ ଏବଂ ବରିଷ୍ଠ ବିଭାଗରେ ୮ମ, ୯ମ, ୧୦ମ ଶ୍ରେଣୀର ଛାତ୍ରୀଛାତ୍ର ଭାଗନେବେ। ଆଶାୟୀ ଛାତ୍ରୀଛାତ୍ର ଉକ୍ତ ଦିନ ପୂର୍ବାହ୍ନ ୯ଟା ସୁଦ୍ଧା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସୁପାରିସ ପତ୍ର ଏବଂ ଆବେଦନ ପତ୍ର ଦାଖଲ କରିପାରିବେ ବୋଲି ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ ଜଣାଇଛନ୍ତି। ପ୍ରତି ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ଜୁଲାଇ ୭ରେ କନିଷ୍ଠ ବର୍ଗ ଏବଂ ୧୪ ତାରିଖରେ ବରିଷ୍ଠ ବିଭାଗ ପ୍ରତିଯୋଗିତା ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ



**ସାତମାଇଲ, ୨୧।୬ (ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ପୁରୁଣା କଟକ-ସମ୍ବଲପୁର ରାସ୍ତାର ବାଘଧରିଆ ଛକରେ ଗତ ଏପ୍ରିଲ ୧୪ରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ସୁଧାକର ଦେହୁରୀ(୬୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଦୁର୍ଘଟଣାର ଶିକାର ହେବା ପରେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୁଧାକର ଜନତା କଲେଜର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଜଣେ କଳାକାର, ଚାଷୀ ଆନ୍ଦୋଳନର ନେତା ଭାବେ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ କଲେଜରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାତମାଇଲ ବଜାର ମଧ ବନ୍ଦ ରହିଥିଲା। ଅନ୍ତିମ ସମୟରେ ବଡ଼ପୁଅ ସୁବ୍ରତ, ସାନପୁଅ ତଥା ଗଣମାଧମ ପ୍ରତିନିଧି ସୁମନ୍ତ ଦେହୁରୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ଶହୀଦଙ୍କ ସ୍ମୃତିଚାରଣ

**ପରଜଙ୍ଗ, ୨୧।୬(ଡି.ଏନ୍.ଏ.):** ପରଜଙ୍ଗ ଓକିଲ ସଂଘ ପକ୍ଷରୁ ଶହୀଦ ଅଜିତ୍ ସାହୁଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ ଦଳବେହେରା, ସମ୍ପାଦକ ବେଣୁଧର ସାହୁଙ୍କ ଉପସ୍ଥିତିରେ ଶହୀଦଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଅଜିତ୍‌ଙ୍କ ବୀରତ୍ୱ ଢେଙ୍କାନାଳ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ବୋଲି ମତପ୍ରକାଶ ପାଇଥିଲା।

■ଜୁନିୟର କଲେଜ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶିତ

# ବାଣିଜ୍ୟରେ ୯୨.୩୯%, କଳାରେ ୭୭.୭୭%




**ଢେଙ୍କାନାଳ ଅଫିସ, ୨୧।୬**

ଢେଙ୍କାନାଳ ଜୁନିୟର କଲେଜରେ ଯୁକ୍ତ୨ ବାଣିଜ୍ୟ ଏବଂ କଳା ବିଭାଗ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନ ୪ଟାରେ ପ୍ରକାଶିତ ହୋଇଛି। ବାଣିଜ୍ୟରେ ଐଶ୍ୱର୍ଯ୍ୟା ସାହୁ ଏବଂ କଳାରେ ରାଜଲକ୍ଷ୍ମୀ ପଣ୍ଡା କଲେଜ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ପରୀକ୍ଷା ଦେଇଥିବା ୯୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୫ଜଣ ପାସ୍ କରିଛନ୍ତି। ପାସ୍ ହାର ରହିଛି ୯୨.୩୯%। ୬ଜଣ ଅକୃତକାର୍ଯ୍ୟ ହୋଇଥିବାବେଳେ ଜଣେ ଅନୁପସ୍ଥିତ ଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୯, ଦ୍ୱିତୀୟ ଶ୍ରେଣୀରେ ୧୪ ଏବଂ ତୃତୀୟ ଶ୍ରେଣୀରେ ୩୨ଜଣ ଅଛନ୍ତି। ମୋଟ ୬୦୦ରୁ ୫୪୧ ମାର୍କ (୯୦.୧୬%) ରଖିଥିବା ଛାତ୍ରୀ ଐଶ୍ୱର୍ଯ୍ୟା ସାହୁ କଲେଜ ଟପ୍ପର ହୋଇଛନ୍ତି।

ସେହିପରି କଳାରେ ୨୩୪ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୨ଜଣ ପାସ୍ କରିଛନ୍ତି। ୫୨ଜଣ ଫେଲ୍ ହୋଇଛନ୍ତି । ପାସ୍ ହାର ରହିଛି ୭୭.୭୭%। ପ୍ରଥମ ଶ୍ରେଣୀରେ ୨୦, ଦ୍ୱିତୀୟ ଶ୍ରେଣୀରେ ୩୦ ଏବଂ ତୃତୀୟ ଶ୍ରେଣୀରେ ୧୩୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ୬୦୦ରୁ ୫୨୨ ମାର୍କ (୮୭%) ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ମୋଟ ରଖି କଲେଜ ଟପ୍ପର ହୋଇଛନ୍ତି।

### ଟପ୍ପରଙ୍କ ମୁହଁରୁ

#### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି: ଐଶ୍ୱର୍ଯ୍ୟା



ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ୨ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଥିବା ଐଶ୍ୱର୍ଯ୍ୟା ସାହୁଙ୍କ ଭବିଷ୍ୟତ ଲକ୍ଷ୍ୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ସେ ନିଜ ପ୍ରତିକ୍ରିୟାରେ କୁହନ୍ତି, ୯୦% ମାର୍କ ରଖିଥିବାରୁ ବେଶ୍ ଖୁସି। ପରୀକ୍ଷା ସମୟରେ ଦିନକୁ ହାରାହାରି ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ଐଶ୍ୱର୍ଯ୍ୟା ହେଉଛନ୍ତି ଝାଡ଼ଖଣ୍ଡରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ତଥା ଢେଙ୍କାନାଳ ଟାଉନ ପ୍ଲାନିଂ ଅଞ୍ଚଳର ଜନାର୍ଦ୍ଦନ ସାହୁ ଏବଂ ସଂଯୁକ୍ତା ସାହୁଙ୍କ ବଡ଼ଝିଅ।

#### ଲକ୍ଷ୍ୟ ଆଇଏଏସ୍ ଅଫିସର: ରାଜଲକ୍ଷ୍ମୀ



ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ୨ କଳାରେ ଟପ୍ପର ହୋଇଥିବା ରାଜଲକ୍ଷ୍ମୀ ପଣ୍ଡା ଭବିଷ୍ୟତରେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସଫଳତା ସମ୍ପର୍କରେ ସେ କୁହନ୍ତି, ସେ ନିଜର ସାଙ୍ଗମାନଙ୍କଠାରୁ ଟପ୍ପର ହୋଇଥିବା ଜାଣିବାକୁ ପାଇଥିଲେ। ପରୀକ୍ଷା ସମୟରେ ୭ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ପ୍ରିୟ ବିଷୟ ଲଜିକ୍। ସେ କୁଞ୍ଜକାନ୍ତ ଅଞ୍ଚଳର ବ୍ୟବସାୟୀ ତଥା କାଠଗଡ଼ା ପର୍ବତିଆ ସାହିର ଛବୀନ୍ଦ୍ର ପଣ୍ଡା ଏବଂ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସାନ ଝିଅ।

## 'ଯୋଗାଭ୍ୟାସ ଜାରି ରଖ'



ଜିଏମ୍‌ଆରରେ ଯୋଗ ଦିବସ ପଳନ ଅବସରରେ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ, ୨୧।୬**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍) ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଉନଶିପସ୍ଥିତ ଅଡିଟୋରିୟମରେ ଆୟୋଜିତ ଯୋଗ ଶିବିରରେ କମ୍ପାନୀର ସମସ୍ତ କର୍ମଚାରୀ ଓ ପରିବାର ସଦସ୍ୟ ସାମିଲ ହୋଇଥିଲେ। ଯୋଗ ଶିକ୍ଷକ ଭୁଲେଶ୍ୱର ପ୍ରଜାପତି ଉପସ୍ଥିତ ରହି ଯୋଗସନ, ପ୍ରାଣାୟମ, ମୁଦ୍ରା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

ମୁଖ୍ୟଅତିଥି ଭାବେ ଜିଏମ୍‌ଆର ଏନର୍ଜି (ଥର୍ମାଲ) ଡେପୁଟି ସିଇଓ ପ୍ରବୀର କୁମାର ମଜୁମଦାର ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ଯୋଗ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରତ୍ୟହ ଯୋଗାଭ୍ୟାସ କରୁଥିବା କର୍ମଚାରୀଙ୍କୁ ମାନପତ୍ର ଦିଆଯାଇଥିଲା। ଯୋଗଶିକ୍ଷା ଦ୍ୱାରା ଶାରୀରିକ, ମାନସିକସ୍ତରରେ ଆସୁଥିବା ପରିବର୍ତ୍ତନ ସମ୍ପର୍କରେ ଅପରେଶନ ଓ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ମନୋଜ ମିଶ୍ର କହିଥିଲେ।

ପ୍ରଗତି ଲେଡିଜ୍ କ୍ଲବ ସଦସ୍ୟା, ରକ୍ଷା ସିକ୍ୟୁରିଟି କର୍ମଚାରୀ ଉପସ୍ଥିତ ଥିଲେ। କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୟ ଠାକୁର ଧନ୍ୟବାଦ ଦେଇଥିଲେ।

## ଜୀବନର ମୂଲ୍ୟବୋଧ ବଢ଼ାଏ ରାଜଯୋଗ

**ଢେଙ୍କାନାଳ ଅଫିସ, ୨୧।୬**

ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କହିଲେ, ସ୍ୱାସ୍ଥ୍ୟର ବିକାଶ ସହିତ ସାମାଜିକ ଶୃଙ୍ଖଳା ଆଣିବାରେ ଯୋଗର ଗୁରୁତ୍ୱ ରହିଛି। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ଉଷା କହିଲେ, ରାଜଯୋଗ ଦ୍ୱାରା ଜୀବନର ମୂଲ୍ୟବୋଧ ବୃଦ୍ଧି ହୁଏ। କୌପିନଧାରୀ ମହିମା ସମାଜ ସଭାପତି ସାଧୁ ରଘୁନାଥ ବାବା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରଞ୍ଜନ ମିଶ୍ର, ବିରଞ୍ଚି ନାରାୟଣ ସେଠ୍, ବ୍ରହ୍ମକୁମାର ଜନ୍ମେଜୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହରିପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜିଲା କାରାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ, ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, ଜେଲର ରଶ୍ମିପ୍ରଭା ରାୟ, ବ୍ରହ୍ମାକୁମାରୀ ଲିଲିମା ପ୍ରମୁଖ ଯୋଗଦେଇ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାରୀ ରୀତା ଅନ୍ତେବାସୀଙ୍କୁ ରାଜଯୋଗ ଅଭ୍ୟାସ କରାଇଥିଲେ।



କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

### ଫଟୋରେ ଖବର



ସ୍କୁଲ ଖୋଲିବା ପରେ ଶୁକ୍ରବାର ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ପ୍ରାର୍ଥନା କରୁଛନ୍ତି। (ଫଟୋ-ବୁବୁ)

## ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ ଘଟଣା**

**ଅନୁଗୋଳ ଅଫିସ, ୨୧।୬**

ଅନୁଗୋଳ ଜିଲା କଣିହାଁ ଥାନାକୁ ଆସିଥିବା ଜଣେ ଯୁବକଙ୍କ ପୋଲିସ ମାଡ଼ରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚଆରସି) ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ତ୍ରୀଙ୍କ ସହ କଳହ ଅଭିଯୋଗକୁ ନେଇ ପଚରାଉଚରା ପାଇଁ ଜୁନ ୬ରେ ବଡ଼ଗୁଣ୍ଡୁରୀ ଗ୍ରାମର ଦୀପକ ବାରିକଙ୍କୁ ପୋଲିସ ଥାନାକୁ ଡାକିଥିଲା। ହେଲେ ପୋଲିସ ମାରଧର କରିବାରୁ ଦୀପକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ କରିଥିଲେ। ସେ କମିଶନଙ୍କୁ ଅବଗତ କରିଥିଲେ ଯେ, ଦୀପକଙ୍କୁ ଥାନାରେ ମାଡ଼ ମାରିବା ଯୋଗୁ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପ୍ରତିପୋଷଣ ପାଇଁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବା ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେ ଗୁହାରି କରିଥିଲେ।

## ମାର୍କେଟ କମ୍ପ୍ଲେକ୍ସ ଉପରକୁ ଚଢ଼ିଗଲା ବଳଦ

**ଭୁବନ, ୨୧।୬(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡରେ ପୌର ପରିଷଦ ପକ୍ଷରୁ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଉପରେ ଶୁକ୍ରବାର

■୪ ଘଣ୍ଟା ପରେ ଉଦ୍ଧାର
■ମୁକୁଳା ପଡ଼ିଛି ଶିଡି ରାସ୍ତା
■ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ୱାର୍ଡବାସୀ

ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଏକ ବଳଦ ଚଢ଼ିଯିବାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଳଦଟି ତଳକୁ ଓହ୍ଲାଇ ନ ପାରି ଇତସ୍ତତଃ ଭାବେ ଛାତ ଉପରେ ଘୂରି ବୁଲିଥିଲା। କାଳେ ସେ ଛାତ ଉପରୁ ତଳକୁ ଡେଇଁ ପଡ଼ିବ, ସେଥିପାଇଁ ଅଞ୍ଚଳବାସୀ ଆଶାଆଶଙ୍କାରେ ରହିଥିଲେ। ସୂଚନା ପାଇ ଅପରାହ୍ନ ପ୍ରାୟ ୪ଟା ୧୦ରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ବଳଦଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସେହିପରି ଗୁରୁବାର ଏକ ବାଛୁରୀ ଅନୁରୂପ ଭାବେ ଛାତ ଉପରେ ଚଢ଼ି ଫସିଯାଇଥିଲା। ଏଥିପାଇଁ ୱାର୍ଡବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି।



ମାର୍କେଟ କମ୍ପ୍ଲେକ୍ସ ଉପରକୁ ଚଢ଼ିଯାଇଥିବା ବଳଦ।

ମାର୍କେଟ୍ କମ୍ପ୍ଲେକ୍ସ ଉପରକୁ ଯିବାକୁ ନିର୍ମିତ ଶିଡି ରାସ୍ତା ମୁକୁଳା ପଡ଼ିଥିବାରୁ ନିୟମିତ ଏପରି ଘଟଣା ଘଟୁଥିବା ସେମାନେ ଅଭିଯୋଗ କରିଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ୫ନଂ. ୱାର୍ଡରେ ୨ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ନେଇଥିବା ଠିକାଦାର ସିଡି ପାହାଚ ଦେଇ କୋଠା ଉପରକୁ ଯାତାୟାତ କରିବାକୁ ଥିବା ରାସ୍ତା ମୁକୁଳା ଛାଡ଼ିଦେଇଛନ୍ତି। ଫଳରେ ଅନେକ ସମୟରେ ବୁଲାଜନ୍ତୁ ମାର୍କେଟ କମ୍ପ୍ଲେକ୍ସ ଉପରକୁ ଚଢ଼ିଯାଉଛନ୍ତି। ଗୁରୁବାର ସ୍ଥାନୀୟ ଲୋକେ ବହୁ କଷ୍ଟରେ କାଠ ବାନ୍ଧି ବାଛୁରୀକୁ ଉଦ୍ଧାର କରିଥିଲେ। ସେହିପରି ଉକ୍ତ ଛାତ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସିଡି ରାସ୍ତାକୁ ବନ୍ଦ ରଖିବା ବ୍ୟବସ୍ଥା କରିବାକୁ ସେମାନେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ମଧ କରିଥିଲେ। ହେଲେ ଶୁକ୍ରବାର ସୁଦ୍ଧା ଏହାର ପ୍ରତିକାର କରାଯାଇ ନ ଥିବାରୁ ପୁଣି ଏକ ବଳଦ ଚଢ଼ିଯାଇଥିଲା। ଏ ଦିନରେ ତୁରନ୍ତ ପଦକ୍ଷେପ ନ ନେଲେ ଦୁର୍ଘଟଣା ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ଅଭିଯୋଗ ମିଳିଛି। ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ସମ୍ପୂର୍ଣ୍ଣ ହେବା ଯାଏ ଶିଡି ରାସ୍ତାରେ ଏକ ଅସ୍ଥାୟୀ ବାଡ଼ ତିଆରି କରାଯିବ। ଏ ନେଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ବୁଲାଜନ୍ତୁ ଆଉ କୋଠା ଉପରକୁ ଚଢ଼ିପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ଯୋଗମୁଦ୍ରାରେ ପଲ୍ଲୀଠୁ ସହର

ବିଶ୍ୱକୁ ଭାରତର ଅନ୍ୟତମ ଅବଦାନ ହେଉଛି ଯୋଗ। କେବଳ ଶାରୀରିକ ସୁସ୍ଥତା ନୁହେଁ, ମାନସିକ ସନ୍ତୁଳନ ବଜାୟ ରଖିବା ଦିଗରେ ଯୋଗାସନର ଭୂମିକା ଅନସ୍ୱୀକାର୍ଯ୍ୟ। ଅନ୍ତର୍ଜାତୀୟ ସମୁଦାୟ ମଧ୍ୟ ଏହାକୁ ଗ୍ରହଣ କରିସାରିଛନ୍ତି। ଯୋଗର ମହତ୍ତ୍ୱକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ। ଏହାକୁ ନେଇ ଶୁକ୍ରବାର ଯୋଗମୁଦ୍ରାରେ ବସିଥିଲା ପଲ୍ଲୀଠାରୁ ସହର। ଯୋଗାସନର ଉପକାରିତା ଜାଣିବା ଏବଂ ଜଣାଇବାକୁ ସମସ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଉତ୍ସାହ।



ମଣ୍ଟଫୋର୍ଟ ସ୍କୁଲ ପରିସରରେ ଛାତ୍ରୀଛାତ୍ର ଯୋଗାଭ୍ୟାସ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୧।୬**

ଶାରୀରିକ ସୁସ୍ଥତା ପାଇଁ ନିୟମିତ ଯୋଗାସନ ଅଭ୍ୟାସ ଜରୁରୀ। ଏହାକୁ ଭଲଭାବେ ହୃଦୟଙ୍ଗମ କରିଥିଲେ ଭାରତର ମୁନିଋଷିଗଣ। ସେମାନେ ମାନସିକ ସନ୍ତୁଳନ ବଜାୟ ରଖିବାକୁ ଯୋଗାଭ୍ୟାସକୁ ଦୈନନ୍ଦିନ ପରିଚର୍ଯ୍ୟାରେ ସାମିଲ କରିଥିଲେ। ଯୋଗର ମହତ୍ତ୍ୱକୁ ସୁଦୂରପ୍ରସାରୀ କରାଇବାକୁ ପ୍ରତିବର୍ଷ ବିଶ୍ୱ ଯୋଗ ଦିବସ ପାଳନ କରାଯାଉଛି। ସମ୍ପ୍ରତି କାର୍ଯ୍ୟକ୍ଷେତ୍ରରେ ବଢୁଥିବା ଚାପ, ଅସନ୍ତୁଳିତ ଖାଦ୍ୟ ଗ୍ରହଣ ଯୋଗୁ ରୋଗ ବଢ଼ିବାରେ ଲାଗିଛି। ଏଥିରୁ ମୁକ୍ତି ପାଇବାକୁ ହେଲେ ନିୟମିତ ଯୋଗାସନ ଜରୁରୀ ବୋଲି କହିଛନ୍ତି ଦିଲ୍ଲୀ ପବ୍ଲିକ ସ୍କୁଲ ଅଧକ୍ଷ ଯଜ୍ଞେଶ୍ୱର ବୋରା। ଅନୁଷ୍ଠାନ ପରିସରରେ ବିଶ୍ୱ ଯୋଗ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି। ସ୍କୁଲର ଛାତ୍ରୀଛାତ୍ର, କର୍ମଚାରୀ ଶିବିରରେ ଉପସ୍ଥିତ ରହି ବିଭିନ୍ନ ଆସନ, ପ୍ରାଣାୟମ ବିଷୟରେ ଶିକ୍ଷା ଗ୍ରହଣ କରିଥିଲେ।

ମଣ୍ଟଫୋର୍ଟ ସ୍କୁଲରେ ମହିଷାପାଟସ୍ଥିତ ୧୨-ଓଡ଼ିଶା ବାଟାଲିୟନ ଏନ୍‌ସିସି ପକ୍ଷରୁ ଆୟୋଜିତ ଯୋଗାଭ୍ୟାସ ଶିବିରରେ ଜିଲାର ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ଭାଗ ନେଇଥିଲେ। କମାଣ୍ଡିଂ ଅଫିସର କଲୋନେଲ୍ ଭାସ୍କରଜ୍ୟୋତି ହଜାରିକା, ବାଲକ୍ରିଷ୍ଣନ୍ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ରମେଶ ଚନ୍ଦ୍ର ମଲ୍ଲିକ, ଏନ୍‌ସିସି ଅଫିସର ସୁବାସ କୁମାର ନନ୍ଦ, ଧ୍ୟାନଚାନ୍ଦ ମିଶ୍ର, ଦେବୀ ପ୍ରସାଦ ମିଶ୍ର, ଅନୁପମା ପଣ୍ଡା, ଶ୍ରୀଧର ସାହୁ, ସୁଶୀଲ ପଣ୍ଡା, ମନ୍ଦରଧର ସାମଲ, ଆରତୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ**

ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ପଞ୍ଚାନନ ସ୍ୱାଇଁ, ଖବରଦାତା ଯୁଧିଷ୍ଠିର ମହାନ୍ତି, କେଦାର ସାମଲ, ଡ. ବିଶ୍ୱକଲ୍ୟାଣୀ ଶତପଥୀ, ଡିଏଭି ଗୁରୁକୁଳର ନିର୍ଦ୍ଦେଶକ ଅମରେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ଅଞ୍ଚଳବାସୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସେହିପରି ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ବଣସିଂହ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ମୁରଲୀଧର ସାହୁ, ଦେଓଗାଁସ୍ଥିତ ଶ୍ରୀଚନ୍ଦ୍ରଶେଖରଜୀଉ ହାଇସ୍କୁଲରେ ଏନ୍‌ସିସି ଅଫିସର ଭୁବନେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୨୨ ଜୁନ /୨୦୧୯, Dhenkanal, Saturday June 22 / 2019

## ସଂକ୍ଷେପରେ

### ପୋଲରୁ ଖସି ନଈରେ ବୁଡ଼ିଗଲେ ଯୁବକ

ତିହିଡ଼ି, ୨୧।୬ (ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ବିଲଣା ପଞ୍ଚାୟତ ଅଧୀନ ଲଞ୍ଜାତର ଗ୍ରାମର ଜଣେ ଯୁବକ ଗୁରୁବାର ରାତିରେ ସାଳନ୍ଦୀ ନଈରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାଁ ରାମକୃଷ୍ଣ ମଳିକ(୨୪)। ସେ ସାଳନ୍ଦୀ ନଦୀ ପୋଲ ଉପରେ ବସିଥିବା ବେଳେ ତଳକୁ ଖସିପଡ଼ିଥିଲେ। ଶୁକ୍ରବାର ସକାଳେ ନଈରୁ ତାଙ୍କ ମୃତଦେହକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବଅଁରପାଳ ବ୍ଲକରେ ୯୦ କୁଷ୍ଠ ରୋଗୀ ଚିହ୍ନଟ

ବଅଁରପାଳ, ୨୧।୬ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ଅଞ୍ଚଳରେ ଚଳିତବର୍ଷ ୯୦ ଜଣ କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି। ୨୦୧୮ ଏପ୍ରିଲ ଠାରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ଏହି ଚିହ୍ନଟ ହୋଇଥିଲା। ୨୦୧୭-୧୮ରେ ୪୪ ଜଣ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୮ ଏପ୍ରିଲରେ ୪ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ମେ'ରେ ୩ ଜଣ, ଜୁନ୍‌ରେ ୫, ଜୁଲାଇରେ ୨, ଅଗଷ୍ଟରେ ୨ ଜଣ, ସେପ୍ଟେମ୍ବରରେ ୧, ଅକ୍ଟୋବରରେ ୩୦, ନଭେମ୍ବରରେ ୬, ୨୦୧୯ ଜାନୁୟାରୀରେ ୩, ଫେବୃୟାରୀରେ ୨୭ ଜଣ, ମାର୍ଚ୍ଚ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ତେବେ ନାଲକୋ ଅଞ୍ଚଳରେ ସର୍ବାଧିକ ୨୫ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ଜରାସିଂହା, ଶାକସିଂହା, ବଳରାମପ୍ରସାଦ, ବନ୍ଧା, ନୂଆହତା, ତଳମୂଳ ସମେତ ଆଉ କେତେକ ଅଞ୍ଚଳରେ କୁଷ୍ଠ ରୋଗୀ ଥିବା ଜଣାପଡ଼ିଛି। ରୋଗୀ ଏକ ବର୍ଷ ମଧ୍ୟରେ ଔଷଧ ଖାଇଲେ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ସ୍ୱଳ୍ପ ଜୀବାଣୁଗ୍ରସ୍ତ ରୋଗୀ ୬ ମାସ ଔଷଧ ଖାଇଲେ ଏହି ରୋଗ ଭଲ ହେବ। ତେବେ ୪୦ ଜଣ ପୁରୁଣା ରୋଗୀ ଏବେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଅଞ୍ଚଳରେ ଆହୁରି ଅନେକ ରୋଗୀ ରହିଥିବା ସନ୍ଦେହ କରାଯାଉଛି। ଏହି ରୋଗର ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କାନ୍ଥ ବାଡ଼ରେ ସଚେତନତା ବାର୍ତ୍ତାମାନ ଲେଖାଯାଉଛି। ହେଲେ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାନ୍ଥରେ ଲେଖାଯାଇଥିବା ସଚେତନତା ବାର୍ତ୍ତା ଦୀର୍ଘ ଦିନ ହେଲା ଲିଭି ଯାଇଥିବାବେଳେ ଏହାକୁ ପୁନର୍ବାର ଲେଖା ଯାଉନାହିଁ। ଏ ସମ୍ପର୍କରେ ବ୍ଲକ ନୋଡାଲ ଲେପର୍ସି ଅଧିକାରୀ ସୁମନ୍ତ କୁମାର ରାଉତ କୁହନ୍ତି, ବହୁ ରୋଗୀ ଔଷଧ ଖାଇ ଭଲ ହେଲେଣି। ପୂର୍ବ ଅପେକ୍ଷା ରୋଗୀମାନଙ୍କ ସଂଖ୍ୟା କମୁଛି। ତେବେ ଡାକ୍ତରଖାନା କାନ୍ଥରେ ଲେଖାଯାଇଥିବା ସଚେତନତା ବାର୍ତ୍ତା ନିର୍ବାଚନ ସମୟରେ ଲିଭି ଯାଇଛି। ପୁଣି ଏଗୁଡ଼ିକ ଲେଖାଯିବ ବୋଲି ସେ କହିଛନ୍ତି।




# ବ୍ୟବଚ୍ଛେଦ ଗୃହରେ ପଶିଲା ଡେଲି ମାର୍କେଟ ପାଣି

ଅନୁଗୋଳ ଅଫିସ, ୨୧।୬

ଗୁରୁବାର ରାତିରେ ବର୍ଷା ଯୋଗୁ ଅନୁଗୋଳ ଡେଲିମାର୍କେଟ ପରିସରରେ ପାଣି ଜମି ରହିଥିଲା। ଶୁକ୍ରବାର ଏହାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟକୁ ଛଡ଼ାଯିବାରୁ ନୂତନ ଶବ ବ୍ୟବଚ୍ଛେଦ ଗୃହରେ ପାଣି ପଶି ଯାଇଥିଲା। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ସେ ଘଟଣାସ୍ଥଳକୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ତଦାରଖ ପାଇଁ ପଠାଇଥିଲେ। ଉପଜିଲାପାଳ ପୌରପାଳିକା ଏମ୍‌ଇ ଓ ଆରଆଣ୍ଡବିର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଧରି ଘଟଣାସ୍ଥଳକୁ ଯିବା ପରେ ପୌରପାଳିକା ଏମ୍‌ଇଙ୍କ ନିର୍ଦ୍ଦେଶରେ ପାଣି ଡାକ୍ତରଖାନା ପରିସରକୁ ଛଡ଼ାଯାଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ଏମ୍‌ଇଙ୍କ ଉପରେ ଉପଜିଲାପାଳ ବିରକ୍ତି ହେବା ସହ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆର ଆଣ୍ଡ ବି ପକ୍ଷରୁ ମେଡିକାଲ ପରିସରରେ କାର୍ଯ୍ୟ ଚାଲୁଥିବାରୁ ଏକ ଅସ୍ଥାୟୀ ଡ୍ରେନ କରାଯାଇ ମାଛ ମାର୍କେଟକୁ ଡେଲି ମାର୍କେଟ ପାଣି ଛଡ଼ାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏ ନେଇ ୮୦ ଲକ୍ଷ ଟଙ୍କାର ଟେଣ୍ଡର ମଧ୍ୟ କରାଯିବ ବୋଲି ପୌରପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାପରେ ଡେଲି ମାର୍କେଟ ପରିଦର୍ଶନରେ ଉପଜିଲାପାଳ ଯାଇଥିଲେ। ସେଠାରେ ମଧ୍ୟ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାବେଳେ ବ୍ୟବସାୟୀଙ୍କ ପାଇଁ ହୋଇଥିବା ଗୃହଗୁଡ଼ିକ ବେହାଲ ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏହାର ମରାମତି କରିବା ସହ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ଉପଜିଲାପାଳ ଶତପଥୀ ପୌରପାଳିକା ଏମ୍‌ଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଅସ୍ଥାୟୀ ଡ୍ରେନ୍‌ରେ ମେଡିକାଲ ଦେଇ ଡେଲି ମାର୍କେଟ ପାଣି ମାଛ ମାର୍କେଟକୁ ଯିବାର ବ୍ୟବସ୍ଥା ହୋଇଥିବାବେଳେ ପରେ ଅଣ୍ଡରଗ୍ରାଉଣ୍ଡ ଡ୍ରେନ କରାଯିବାର ବ୍ୟବସ୍ଥା ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ସାର୍ଟିଫିକେଟ ପ୍ରଦାନ ପାଇଁ ଦାବି

ଅନୁଗୋଳ ଅଫିସ, ୨୧।୬

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶକୁ ୧ ମାସ ବିତିଯାଇଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ମାର୍କଶିଟ୍ କି ସାର୍ଟିଫିକେଟ୍ ଅଦ୍ୟାବଧି ପ୍ରଦାନ କରାଯାଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ କଲେଜରେ ନାମ ଲେଖା ପାଇଁ ଆବେଦନ କରିବାକୁ ସମସ୍ୟାରେ ପଡ଼ୁଛନ୍ତି। ଏହାକୁ ନେଇ ଏଆଇଡିଏସ୍‌ଓ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୋର୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଏହି ସମସ୍ୟା ଉପୁଜିଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। କଲେଜରେ ଆଡମିଶନ ପୂର୍ବରୁ ସାର୍ଟିଫିକେଟ ପ୍ରଦାନ କରିବାକୁ ଜିଲା କମିଟି ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ ଦାବି କରିଛନ୍ତି।

# ଯୋଗାସନ, ପ୍ରାଣାୟାମର ମହତ୍ତ୍ୱ ଉପରେ ଆଲୋକପାତ


ଆଦର୍ଶ ଇଷ୍ଟର ନ୍ୟାଶନାଲ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଯୋଗାଭ୍ୟାସ।

ଅନୁଗୋଳ ଅଫିସ, ୨୧।୬

ଅନୁଗୋଳ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ଶିବପ୍ରସାଦ ପାଣି ଓ ସହଯୋଗୀ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇ ଜେଏସ୍‌ପିଏଲ୍ ଆସିଷ୍ଟାଣ୍ଟ ମ୍ୟାନେଜର ତାପସ ମହାନ୍ତିଙ୍କ ସହିତ ସମସ୍ତ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ, ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ପ୍ରାରମ୍ଭରେ ଯୋଗ ପ୍ରଶିକ୍ଷକ ଯୋଗାସନ ଓ ପ୍ରାଣାୟାମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଅନୁଗୋଳର ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା। ଜେଏସ୍‌ପିଏଲ୍ କର୍ମଚାରୀ, ତାଙ୍କ ପରିବାର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମବାସୀ ଏଥିରେ ଅଂଶଗ୍ରହଣ କରି ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ଠାରୁ ଯୋଗର ସୁଫଳ ବିଷୟରେ ଜ୍ଞାନ ପ୍ରାପ୍ତ କରିଥିଲେ। ଜେଏସ୍‌ପିଏଲ୍ ଇଡି ମେଣ୍ଟନାନ୍ସ ସୁରେଶ କୁମାର ଯୋଗ ଅଭ୍ୟାସ ଦ୍ୱାରା ସୁସ୍ଥ ଏବଂ ନିରାମୟ ଜୀବନ ଯାପନ କରି ହେବ ବୋଲି କହିଥିଲେ। ବ୍ରିଗେଡିୟର କେ.କେ. ଚୋପ୍ରା ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଯୋଗର ପ୍ରଚାର ପ୍ରସାର କରିବା ପାଇଁ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ସେହିପରି ଅନୁଗୋଳର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଯୋଗ ଦିବସ ପାଳନ କରାଯାଇଥିଲା। ଅନ୍ୟପକ୍ଷରେ ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜନ କରାଯାଇଥିଲା। ରୋଟାରୀ ପବ୍ଲିକ ସ୍କୁଲରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ କରାଯାଇଥିଲା। ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ମୁଖ୍ୟ ଅନୁଗୋଳ ଶାଖା ପ୍ରମୁଖ ସଂଯୁକ୍ତା ପାଳ, ଅଧ୍ୟକ୍ଷ ସର୍ବେଶ୍ୱର ପାଳ, ସଦସ୍ୟ ପ୍ରବୀର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯୋଗ କିଭଳି ଚରିତ୍ର ଗଠନ ଓ ଶରୀର ସୁସ୍ଥ ହେବାରେ ସାହାଯ୍ୟ କରେ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସେହିପରି ସାମାଜିକ କର୍ମୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଆୟୋଜିତ ଶିବିରକୁ ପର୍ଯ୍ୟବେକ୍ଷଣ ଗୃହର ଅଧୀକ୍ଷକ ଅମିର କୁମାର ନାଥଶର୍ମା ଉଦ୍‌ଘାଟନ କରିଥିଲେ। ଅନ୍ୟ ଏକ ଶିବିର ରେଳବାଇ କଲୋନୀରେ କମ୍ୟୁନିଟି ସେଣ୍ଟର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ରେଳବାଇର ବରିଷ୍ଠ ଆଞ୍ଚଳିକ ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୁରେଶ କୁମାର ଏହାର ଉଦ୍‌ଘାଟନ କରିଥିଲେ। ଅନୁଗୋଳ ସହର ଉପକଣ୍ଠ ଆଦର୍ଶ ଇଷ୍ଟର ନ୍ୟାଶନାଲ ସ୍କୁଲରେ ଅନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଓ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ୪ ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଯୋଗ ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ର ଓ ରିନା ସେନ୍ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିଥିଲେ।


ଅନୁଗୋଳ ଜେଏସ୍‌ପିଏଲ୍ ପକ୍ଷରୁ ଅନୁଷ୍ଠିତ ଯୋଗ ଶିବିର।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ